# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 October – 2026

****************************************

## ମୁଖ୍ୟ ସମ୍ବାଦ

- ଆଧୁନିକ ଯୋଗାଯୋଗ ଓ ସୁଶାସନ ପାଇଁ ମୋବାଇଲ୍ ଫୋନ୍‌ର ଉପଯୋଗ ଗତ ୧ ୨ ବର୍ଷ ମଧ୍ୟରେ ବ୍ୟାପକ ହୋଇଛି

–ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆନ ମୋବାଇଲ୍ କଂଗ୍ରେସର ଦଶମ ସଂସ୍କରଣକୁ ଉଦ୍‌ଘାଟନ କରି କହିଲେ ପ୍ରଧାନମନ୍ତ୍ରୀ

- ଭାରତୀୟ ବାୟୁସେନା ଅପରାଜେୟ, ଅଭେଦ୍ୟ ଏବଂ ସଠିକ୍‌ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବାୟୁସେନା ଦିବସ

- ବର୍ଷିଆନ୍ ଅଭିନେତା ପଦ୍ମଶ୍ରୀ ନାନା ପାଟେକରଙ୍କ ପରଲୋକ

–ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେବ ଶେଷକୃତ୍ୟ

ଏବଂ

- ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତି ଜନିତ ସମସ୍ୟାର ପ୍ରତିକାର ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଦୃଷ୍ଟି ଦିବସ

# ଇଣ୍ଡିଆନ୍ କଂଗ୍ରେସ

ଆଧୁନିକ ଯୋଗାଯୋଗ ଓ ସୁଶାସନ ପାଇଁ  ମୋବାଇଲ ଫୋନ୍‌ର ଉପଯୋଗ  ଗତ ୧୨ବର୍ଷ ମଧ୍ୟରେ ବ୍ୟାପକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସର ୧୦ ସଂସ୍କରଣକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି  ସ୍ୱଚ୍ଛଶାସନ କ୍ଷେତ୍ରରେ  ମୋବାଇଲ୍ ଫୋନ୍ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ ଉଭା ହୋଇଛି । ବହୁ ସରକାରୀ ସେବା ଏବେ ମୋବାଇଲ ଫୋନ୍‌ରେ ଉପଲବ୍ଧ ହେଉଛି । ଟେଲି ଯୋଗାଯୋଗ କ୍ଷେତ୍ରରେ ଏଭଳି ବିପ୍ଲବର ସୁଫଳ ନାଗରିକଙ୍କ କ୍ଷେତ୍ରରେ ସିଧାସଳଖ ପହଞ୍ଚି ପାରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି :

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ପଦକ୍ଷେପ ମାଧ୍ୟମରେ ପ୍ରାୟ ୫୦ଲକ୍ଷ କୋଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତରିତ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ସଂଯୋଗ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଅଧିକ ସଶକ୍ତ କରିଛି । ଦୁର୍ଗମ ଅଞ୍ଚଳରେ ମଧ୍ୟ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରୁଛି ।

ଏହି ୪ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି ।

## ଜି.ଏସ୍.ଟି. କାଉନ୍‌ସିଲ୍ ମିଟିଂ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ୫୭ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଜାମ୍ମୁ-କାଶ୍ମୀର ଓ ହରିୟାଣାର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଯୋଗ ଦେଇଛନ୍ତି ।

ବୈଠକରେ ଜିଏସଟି ସମ୍ବନ୍ଧୀୟ ବିବାଦର ସମାଧାନ ଏବଂ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍‌ର ସହଜ ଉପଯୋଗ ଉପରେ ନୀତିଗତ ସଂସ୍କାର ନେଇ ଆଲୋଚନା ହୋଇଛି ।

ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାମଗ୍ରୀ ଓ ସେବା କର-ଜିଏସଟି ବ୍ୟବସ୍ଥାରେ ପରବର୍ତ୍ତୀ ପର୍ଯ୍ୟାୟର ସଂସ୍କାର ପାଇଁ ସରକାର ପ୍ରକ୍ରିୟାଗତ ସଂସ୍କାର, ଗଠନମୂଳକ ସଂସ୍କାର, ବ୍ୟବସାୟ କରିବାର ସହଜତା, ସେବା ରପ୍ତାନି ଏବଂ ଇ-କମର୍ସ ଯୋଜନା ପ୍ରସ୍ତାବ ଉପସ୍ଥାପନ କରିବେ ।

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ

ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ବନ୍ଦେ ଭାରତ"** ସମ୍ପର୍କରେ...

ଭାରତୀୟ ରେଳର ଆଧୁନିକୀକରଣ ଓ ଯାତ୍ରୀସେବାରେ ନୂଆ ଅଧ୍ୟାୟ ଯୋଡ଼ିଛି ବନ୍ଦେ ଭାରତ ଏକ୍ସପ୍ରେସ୍ । ଦ୍ରୁତଗତି, ଆଧୁନିକ ପ୍ରଯୁକ୍ତି ଓ ଉନ୍ନତ ଯାତ୍ରୀ ସୁବିଧାକୁ ନେଇ ଏହି ଟ୍ରେନ୍ ଦେଶର ରେଳଯାତ୍ରାର ଚିତ୍ରକୁ ବଦଳାଇବାରେ ସହାୟକ ହୋଇଛି । ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରକୁ ଦ୍ରୁତ, ଆଧୁନିକ ଓ ସୁବିଧାଜନକ ରେଳଯାତ୍ରାର ଅନୁଭୂତି ଦେବାରେ ଏହି ଟ୍ରେନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା, ବ୍ରହ୍ମପୁର ଓ ଅନ୍ୟାନ୍ୟ ଅଞ୍ଚଳର ଯାତ୍ରୀଙ୍କ ପାଇଁ ଦ୍ରୁତ ରେଳ ସଂଯୋଗର ସୁଯୋଗ ବୃଦ୍ଧି ପାଇଛି। ପୁରୀ ଭଳି ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀକୁ ଦ୍ରୁତ ରେଳ ସଂଯୋଗ ମିଳିବା ଫଳରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ଯାତାୟାତ ସୁବିଧାଜନକ ହୋଇଛି । ଏ ସଂପର୍କରେ ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ ଅଧିକ ସୂଚନା ଦେଇ କହିଛନ୍ତି : -

**V/O -**

ବନ୍ଦେ ଭାରତ କେବଳ ଦ୍ରୁତ ରେଳଯାତ୍ରାର ମାଧ୍ୟମ ନୁହେଁ, ଏହା ଓଡ଼ିଶାର ଯାତାୟାତ, ପର୍ଯ୍ୟଟନ ଓ ଅର୍ଥନୈତିକ ସଂଯୋଗକୁ ଆହୁରି ମଜବୁତ କରିବାର ଏକ ନୂତନ ସମ୍ଭାବନା ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

# ବିମାନସେବା

ଭୁବନେଶ୍ୱରରୁ ପୁଣେକୁ ଆସନ୍ତା ୨୫ ତାରିଖରୁ ଘରୋଇ ବିମାନ ଚଳାଚଳ କରିବ ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ସପ୍ତାହରେ ପ୍ରତିଦିନ ଉଡ଼ାଣ କରିବ । ପୂର୍ବରୁ ଭୁବନେଶ୍ୱରରୁ ପୁଣେକୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ସେବା ଜାରି ରହିଛି ।

# ବାୟୁସେନା ଦିବସ

ଭାରତୀୟ ସେନାର ଜାଗ୍ରତ ପ୍ରହରୀଭାବେ ଆକାଶମାର୍ଗରୁ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ବାୟୁସେନା କାର୍ଯ୍ୟ କରୁଛି । ୧୯୩୨ ମସିହା ଆଜିର ଦିନରେ ଭାରତୀୟ ବାୟୁସେନା ପ୍ରତିଷ୍ଠା କରାଯାଇଥିଲା । ଆକାଶମାର୍ଗକୁ ସୁରକ୍ଷାଦେବା, ମାନବିକ ସହାୟତା ତଥା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବାୟୁସେନାର ବରିଷ୍ଠ ଯୋଗଦାନ ଏବଂ ପ୍ରଶଂସନୀୟ କାର୍ଯ୍ୟକୁ ସ୍ମୃତିରେ ରଖିବା ପାଇଁ ଆଜିର ଦିନକୁ ଭାରତୀୟ ବାୟୁସେନା ଦିବସଭାବେ ପାଳନ କରାଯାଉଛି । ଚଳିତବର୍ଷ ସରକାରୀ ଭାବେ ବାୟୁସେନା ଦିବସର ବାର୍ତ୍ତା ହେଉଛି 'ଭାରତୀୟ ବାୟୁସେନା- ଅପରାଜେୟ, ଅଭେଦ୍ୟ ଏବଂ ସଠିକ୍' । ଦେଶ ସ୍ୱାଧୀନତା ପରଠାରୁ ଭାରତୀୟ ବାୟୁସେନା ଚାରୋଟି ଯୁଦ୍ଧରେ ସାମିଲ ହୋଇଛି । ଭାରତୀୟ ସେନାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବାୟୁସେନାର ଉଦ୍ୟମ ପ୍ରଶଂସନୀୟ ।

ଆମେରିକା, ଚୀନ ଓ ରୁଷିଆ ପରେ ବିଶ୍ୱର ଚତୁର୍ଥ ସର୍ବବୃହତ ଶକ୍ତି ହେଉଛି, ଭାରତୀୟ ବାୟୁସେନା ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ହିଣ୍ଡନ ବାୟୁସେନା ଘାଟିରେ ଆୟୋଜିତ ସମାରୋହରେ ଯୋଗଦେଇ ବାୟୁସେନାର ଅଦମ୍ୟ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦେଶର ସାହସୀ ବାୟୁ ଯୋଦ୍ଧାମାନଙ୍କୁ ସଲାମ ଜଣାଇଛନ୍ତି ।

## ନାନା ପାଟେକର-ଦେହାନ୍ତ

ବର୍ଷିଆନ୍ ଅଭିନେତା ପଦ୍ମଶ୍ରୀ ନାନା ପାଟେକରଙ୍କ ଆଜି ୭୫ ବର୍ଷ ବୟସରେ ଗୋଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ନିଜର ଅସାଧାରଣ ଅଭିନୟ ପ୍ରତିଭା ମାଧ୍ୟମରେ ସେ ଭାରତୀୟ ସିନେମା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କ ଅଭିନୟ, ଶକ୍ତିଶାଳୀ ଚରିତ୍ର ଓ ଅବିସ୍ମରଣୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ବିୟୋଗରେ ସିନେମା ଜଗତ ସହ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ନାନା ପାଟେକରଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି

ନିଆଯାଇଛି । ନାନା ପାଟେକରଙ୍କ ନିଖୁଣ ଅଭିନୟକୁ ସ୍ମରଣ କରି ଆକାଶବାଣୀ ପକ୍ଷରୁ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଉପସ୍ଥାପନା :

କିଛି ସ୍ୱର କେବଳ ସଂଳାପ ନୁହେଁ, କିଛି ଚେହେରା କେବଳ ଅଭିନେତାଙ୍କ ଚେହେରା ନୁହେଁ, ଆଉ କିଛି କଳାକାର କେବଳ ଚଳଚ୍ଚିତ୍ରର ଅଂଶ ନୁହନ୍ତି । ସେମାନେ ନିଜେ ଗୋଟିଏ ଯୁଗ । ତାଙ୍କ ଅବର୍ତ୍ତମାନରେ ଗୋଟେ ଯୁଗର ଅବସାନ ପରି ଅନୁଭବ ହୁଏ । ନାନା ପାଟେକର ଭାରତୀୟ ସିନେମାର ସେହି ଅସାଧାରଣ କଳାକାର । ଯାହାଙ୍କ ସ୍ୱରରେ ଥିଲା ଗୁରୁ ଗାମ୍ଭୀର୍ଯ୍ୟ । ଚେହେରାରେ ଥିଲା ଅଭିବ୍ୟକ୍ତି ଆଉ ଅଭିନୟରେ ଥିଲା ଜୀବନର ଗଭୀର ସତ୍ୟ । ଆଜି ସେହି ସ୍ୱର ନିରବୀ ଯାଇଛି । ଆଉ ଶକ୍ତିଶାଳୀ ଅଭିନୟର ଅଧ୍ୟାୟରେ ପଡ଼ିଯାଇଛି ଏକ ଦୁଃଖଦ ପୂର୍ଣ୍ଣଚ୍ଛେଦ । ୧୯୭୮ ମସିହାରେ 'ଗମନ' ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିବା ନାନା ପାଟେକର ପରବର୍ତ୍ତୀ ସମୟରେ ନିଜର ନିଆରା ଅଭିନୟ ଶୈଳୀ ପାଇଁ ଘରେ ଘରେ ପରିଚିତ ହୋଇଥିଲେ । 'ଅଙ୍କୁଶ', 'ପରିନ୍ଦା', 'ପ୍ରହାର', 'ତ୍ରିରଙ୍ଗା', 'କ୍ରାନ୍ତିବୀର', 'ଖାମୋସୀ' ଭଳି ଅନେକ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କ ମନରେ ଗଭୀର ଛାପ ଛାଡ଼ିଯାଇଛି ।

**- V/O -**

ହିନ୍ଦୀ ସହ ମରାଠୀ ସିନେମାରେ ମଧ୍ୟ ନାନା ନିଜର ଦକ୍ଷତାର ଛାପ ଛାଡ଼ି ଯାଇଛନ୍ତି । ଜାତୀୟ ପୁରସ୍କାର ସହ ଅନେକ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଛି । 'ତ୍ରିରଙ୍ଗା'ର ସମ୍ମାନ, ମର୍ଯ୍ୟାଦା ଓ ଗୌରବ ପାଇଁ ନାନା ପାଟେକରଙ୍କ ଜୀବନ ସମର୍ପିତ ଥିଲା ।

ନାନା କେବେ ବି ନିଜର ସୀମା ଭିତରେ ସୀମିତ ରଖିନଥିଲେ । ନିଜ ଅଭିନୟ ମାଧ୍ୟମରେ ସେ ସମାଜରେ ରହିଥିବା ତ୍ରୁଟି, ଅବ୍ୟବସ୍ଥାକୁ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ । ସାମାଜିକ ଦୁର୍ନୀତି ଓ କୁପ୍ରଥା ବିରୁଦ୍ଧରେ ସ୍ୱର ଉଠାଇଥିବା ସେ ଜଣେ ପ୍ରକୃତ କ୍ରାନ୍ତିବୀର ।

**- V/O -**

ଆଜି ନାନା ନାହାନ୍ତି, ତାଙ୍କ ସ୍ୱର ଅଛି, ସଂଳାପ ଅଛି, ଚଳଚ୍ଚିତ୍ର ଅଛି ଓ ସବୁଠାରୁ ବଡ଼କଥା ତାଙ୍କ ଅଭିନୟର ସ୍ମୃତି ଅଛି । ଏକ ଅଧ୍ୟାୟର ଅନ୍ତ ହେଲା ସତ, କିନ୍ତୁ ନାନା ପାଟେକରଙ୍କ ଅଭିନୟ କାହାଣୀର ଅନ୍ତ ନୁହେଁ । ଆକାଶବାଣୀ ପରିବାର ପକ୍ଷରୁ ନାନା ପାଟେକରଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

# ବିଶ୍ୱ ଦୃଷ୍ଟି ଦିବସ

ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତି ଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ

ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରରେ ‘ବିଶ୍ୱ ଦୃଷ୍ଟି ଦିବସ’ ପାଳନ କରାଯାଇଥାଏ । ଆଖି ଆମର ଅମୂଲ୍ୟ ସମ୍ପଦ । ଏହାର ଯତ୍ନ ନେବା ଆମର କର୍ତ୍ତବ୍ୟ । ବର୍ତ୍ତମାନର ଡିଜିଟାଲ୍ ଦୁନିଆରେ ଅଧିକ ସ୍କ୍ରିନ୍ ବ୍ୟବହାର ଓ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ଅବହେଳା ଦୃଷ୍ଟି ସମସ୍ୟାର ପ୍ରମୁଖ କାରଣ ପାଲଟିଛି । ଆଖିର ଯତ୍ନ ଓ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱକୁ ଆଜିର ଦିନ ମନେ ପକାଇଦେଇଥାଏ । ନିଜ ଆଖିର ଯତ୍ନ ନେବା ସହ ଅନ୍ୟମାନଙ୍କୁ ଏ ସଂପର୍କରେ ସଚେତନ କରିବା ।

# ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟର ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୩ଟି ଜିଲ୍ଲାରେ ବଜ୍ରପାତ ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।